# Akashvani, Sambalpur

## SAMBALPURI NEWS EVENING BULLETIN

**30 July 2025- 7.02 pm- 7.12 pm.**

*********************************************

୧- ବନ୍ୟା ଲାଗି ୩ ଟା ଜିଲ୍ଲାର୍ ୩୦ ହଜାର୍‌ନୁ ଅଏତ୍‌କା ଲୋକ୍ ପ୍ରଭାବିତ୍ ହେଇଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

- ଆକାଶ୍‌ମାର୍ଗନୁ ବନ୍ୟା ଇଲାକା ଥିତିର୍ କଲେ ଅନୁଧ୍ୟାନ୍ ।

- ଜିଲ୍ଲାପାଲ୍‌ମାନ୍‌କୁ ତୁର୍‌ତି ନୁକ୍‌ସାନ୍ ରିପୋର୍ଟ ଦେବାର୍‌କେ ଦେଲେ ନିର୍ଦ୍ଦେଶ୍ ।

୨- ଆନ୍ଧ୍ରପ୍ରଦେଶ୍‌ର ଶ୍ରୀହରିକୋଟା ନୁ ଐତିହାସିକ୍ 'ନିସାର୍' ଉପଗ୍ରହ ହେଲା ସଫଲ୍ ଉତ୍‌କ୍ଷେପଣ୍ ।

୩- ପି.ଏମ୍. କିଷାନ୍ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଆଏବା ଶନିବାର୍ ଦିଆଯିବା ସାହାଜ୍ ଟଙ୍କା ।

ଆଉର୍

୪- ରାଏଜେ ଆଏବା ୧ ତାରିଖ୍‌ନୁ ମୁଲ୍ ହେବା 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ୍ ।

ମୁଖ୍ୟମନ୍ତ୍ରୀ- ବନ୍ୟା ଥିତି ଅନୁଧ୍ୟାନ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଆକାଶ୍‌ମାର୍ଗନୁ ବନ୍ୟା ପ୍ରଭାବିତ୍ ଇଲାକାର୍ ଥିତି ଅନୁଧ୍ୟାନ୍ କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଇ ବାବ୍‌ଦେ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍ ଜିଲ୍ଲାର୍ ୮ ଟା ବ୍ଲକ୍‌ର ୮୧ ଟା ଗାଁ ସବୁନୁ ଜହ ପ୍ରଭାବିତ୍ ହେଇଛେ । ପାଖାପାଖି ୬ ହଜାର୍ ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ସ୍ଥାନାନ୍ତରିତ୍ କରାଯାଇଥିଲା ବେଲ୍‌କେ ୧୦ ହଜାର୍ ଲୁକ୍‌କୁ ରନ୍ଧା ଖାଦ୍ୟ ଦିଆଯାଉଛେ । ସେ ଇଲାକାମାନ୍‌କେ ଆଏବା ହପ୍ତେତକ୍ ଲୁକ୍‌କୁ ରନ୍ଧା ଖାଦ୍ୟ ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଥିବାର୍ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବନ୍ୟା ଥିତି ଅନୁଧ୍ୟାନ୍ ବେଲେ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଉପସ୍ଥିତ୍ ଥିଲେ ।

କୁଇଲା ଉତ୍ପାଦନ୍-ଓଡ଼ିଶା ଶ୍ରେଷ୍ଠ ହି.ସ.

କୁଇଲା ଉତ୍ପାଦନ୍ କ୍ଷେତ୍ରଥି ଓଡ଼ିଶା ଦେଶର୍ ୧ ନମ୍ବର୍ ରାଜ୍ୟ ଆଏ ବଲି ଲୋକ୍ସଭା ନ କୋଇଲା ଆଉ ଖଣିମନ୍ତ୍ରୀ ଜି. କିଷାନ୍ ରେଡ୍ଡୀ ସୂଚ୍ନା ଦେଇଛନ୍ । ୨୦୨୪-୨୫ ମସିହାଥି ରାଜ୍ୟର୍ ଭିନ୍ ଭିନ୍ କୋଇଲା ଖଣିନୁ ୨ ଶହ ୬୯ ଦଶ୍ମିକ୍ ୩/୬ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ୍ ହେଇଥିଲା ବେଲ୍କେ ବାହାର୍ ରାଜ୍ୟ ଆଉ ଦେଶ୍କେ ୨ ଶହ ୫୪ ଦଶ୍ମିକ୍ ୬/୩ ମିଲିୟନ୍ ଟନ୍ କୋଇଲା ଯୋଗାଣ କରାଯାଇଛେ । ଗଲା ୩ ବଛର୍ ଭିତ୍ରେ କେନ୍ସି ଭିଲ୍ ଶକ୍ତି କେନ୍ଦ୍ର ନ କୁଇଲା ସଂକଟ ନାଇଁ ଦେଖାଯାଇ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ ।

'ନିସାର୍' ଉପଗ୍ରହ ଏନ୍ଏସ୍ଡି

ନାସା-ଇସ୍ରୋ ସିନ୍ଥେଟିକ୍ ଆପାଚର୍ ରାଡ଼ାର୍- 'ନିସାର୍' ଉପଗ୍ରହର୍ ଐତିହାସିକ୍ ଉତ୍କ୍ଷେପଣ୍ ଆଏଜ୍ ଆନ୍ଧ୍ରପ୍ରଦେଶ୍ର ଶ୍ରୀହରିକୋଟାର ସତୀଶ୍ ଧୱନ୍ ସ୍ପେଶ୍ ସେଂଟର୍ନୁ କରାଯାଇଛେ । ଭାରତୀୟ ସମିଆ ଉପର୍ବେଲା ୫ ବାଜିକରି ୪୦ ମିନିଟ୍ଥି ଜି.ଏସ୍.ଏଲ୍.ଭି. - ଏଫ୍- ୧୬ ରକେଟ୍ ଜରିଏ ଇଟାର୍ ଉତ୍କ୍ଷେପଣ୍ କରାଯାଇଛେ । ଭାରତୀୟ ମହାକାଶ୍ ଗବେଷଣା ସଂସ୍ଥା - ଇସ୍ରୋ ଆଉ ଆମେରିକା ମହାକାଶ୍ ସଂସ୍ଥା- ନାସା ତର୍ଫୁ ଉତ୍କ୍ଷେପଣ୍ କରାଯାଇଥିବା ନିସାର୍ ଉପଗ୍ରହ ସାରା ପୁର୍ଥିର୍ ଉପ୍ରେ

ଟିକ୍‌ନିକ୍ ନଜର୍ ରଖିବା । ଖାସ୍ କରି ପୃଥିବୀ ପୃଷ୍ଠ ଆଉ ବରଫ୍ ଉପ୍ରେ ବେଶୀ ନଜର୍ ରଖିବା ବଲି ଇସ୍ରୋ ତର୍‌ଫୁ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦିଆଯାଇଛେ ।

ସୁଭଦ୍ରା- ଉପମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏବା ମାସ ୯ ତାରିଖ୍ ରାକ୍ଷୀ ପୁନି ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବଂଟାଯିବା । ଇତାର୍ ଉତ୍‌ରୁ ନୂଆଁ ଆବେଦନ୍ ଲାଗି ସୁଭଦ୍ରା ପୋର୍ଟାଲ୍ ଖୁଲାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ୨୧ ବଛର୍‌ନୁ ଅଏତ୍‌କା ବୟସର୍ ଯୁବତୀ ଆଉ ମହିଲାମାନେ ଯୋଜ୍‌ନାଥି ଜୁଡ଼ି ହେବାର୍ ଲାଗି ଆବେଦନ୍ କରିପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଯୋଜ୍‌ନାଥି ଏବ୍‌ତକ୍ ୨ ଲାଖ୍ ମହିଲା ହିତାଧିକାରୀ ବାଦ୍ ପଡ଼ିଛନ୍ । ପହେଲା କିସ୍ତି ନେବାର୍ ଉତ୍‌ରୁ ସେମାନ୍‌କର୍ ଭିତ୍‌ରୁ କେତେଝନ୍‌କର୍ ସମ୍ପତି ଠାବ୍ ହେବାର୍ ଉତ୍‌ରୁ ସେମାନ୍‌କୁ ବାଦ୍ ଦିଆଯାଇଛେ । ଇଥିର୍‌ଲାଗି ଆଏବା ୯ ତାରିଖ୍ ଫେର୍‌ଘାଏ ସର୍ବେକ୍ଷଣ୍ କରାଯିବା । ବାଦ୍ ପଡ଼ିଥିବା ହିତାଧିକାରୀମାନ୍‌କର୍ ଭିତ୍‌ରୁ ଯୋଗ୍ୟମାନ୍‌କୁ ଫେର୍ ସାମିଲ୍ କରାଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ସେନ୍ତା ୯୩ ହଜାର୍ ହିତାଧିକାରୀଙ୍କୁ ୬୦ ବଛରନୁ ଅଏତ୍କା ହେଇଥିବାରନୁ ଭତା ପାଏବାର୍ ଲାଗି ସେମାନ୍କର୍ ତାଲିକା ସାମାଜିକ୍ ଆଉ ସୁରକ୍ଷା ବିଭାଗ୍‌କେ ପଠାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଏକକ ପ୍ଲାଷ୍ଟିକ୍ ବେଭାର୍ ବନ୍ଦ୍ ଏକ୍ସ

ସର୍‌କାରୀ ଅଫିସ୍ ମାନ୍‌କେ ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ବେଭାର୍‌କେ ବନ୍ଦ୍ କର୍‌ବାର୍‌କେ ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ତର୍‌ଫୁ ସବୁ ବିଭାଗ୍ ମାନ୍‌କୁ ଚିଠି କରାଯାଇଛେ । ସର୍‌କାରୀ ବୈଠକ୍ ସଭା ସମିତି ମାନ୍‌କେ ପ୍ଲାଷ୍ଟିକ୍ ଜରି ଲାଗିଥିବା ଫୁଲ୍‌ତୋଡା, ପ୍ଲାଷ୍ଟିକ୍ ଉପହାର୍, ପ୍ଲାଷ୍ଟିକ୍ ଖାଦ୍ୟ ପୁଡ଼ିଆ, ପ୍ଲେଟ୍ ବାଗିର୍ ପ୍ଲାଷ୍ଟିକ୍ ଦରବ୍ ବେଭାର୍ ନାଇଁ କର୍‌ବାର୍‌କେ ଜଙ୍ଗଲ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ- ସବୁ ବିଭାଗ୍‌ର ସଚିବମାନ୍‌କୁ ଲେଖିଥିବା ଚିଠିଥି ଉଲ୍ଲେଖ୍ କରିଛନ୍ ।

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମ୍‌ଲା ଏକ୍ସ

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମ୍‌ଲାଥି ୬ ଝନ୍‌କୁ ଗିରଫ୍ କରାଯାଇଛେ ବଲି କ୍ରାଇମ୍‌ବ୍ରାଂଚ୍ ମହାନିର୍ଦ୍ଦେଶକ୍ ସାମ୍ବାଦିକ୍

ସମ୍ମିଳନୀଥି ସୂଚ୍ନା ଦେଇଛନ୍ । ତାଙ୍କର୍ ସୂଚ୍ନା ଅନ୍ସାରେ, ଓଟିଇଟି ପରୀକ୍ଷା ବୋର୍ଡ଼ର ଡାଟା ଏଂଟ୍ରି ଅପରେଟର୍ ଜରିଏ ଇ ପ୍ରଶ୍ନପତ୍ର ଲିକ୍ ହେଇଥିଲା । ଇଥିର୍ଲାଗି ତାଙ୍କର୍ ଏକାଡଂଟ୍କେ ୨ ଲାଖ୍ ୪୦ ହଜାର୍ ଟଙ୍କା ଆସିଥିବାର୍ ପ୍ରମାଣ୍ ମିଲିଛେ । ତାଙ୍କର୍ ବିରୋଧ୍ଥି ପ୍ରମାଣ୍ ପାଏଲା ଉତ୍ରୁ ଡାଟା ଏଂଟ୍ରି ଅପରେଟର୍ ସହେତେ ୬ ଝନ୍କୁ ଗିରଫ୍ କରାଯାଇଛେ ବଲି କ୍ରାଇମ୍ବ୍ରାଂଚ୍ ଡିଜି ସୂଚ୍ନା ଦେଇଛନ୍ ।

ପି.ଏମ୍. କିଷାନ୍ ସାହାଜ୍ ହି.ସ.

ଆଏବା ୨ ତାରିଖ୍ନୁ ଚାଷୀମାନ୍କୁ ପି.ଏମ୍. କିଷାନ୍ ସାହାଜ୍ ଟଙ୍କା ଯୁଗେଇ ଦିଆଯିବା । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣାସୀ ଠାନୁ ୯ କୋଟି ୭୦ ଲାଖ୍ ଚାଷୀକଁର୍ ଏକାଡଂଟ୍କେ ସିଧାସଲଖ୍ ୨୦ ହଜାର୍ ୫ ଶହ କୋଟି ଟଙ୍କା ସାହାଜ୍ ପଠାବେ । ଡିବିଟି ଜରିଏ ଚାଷୀ ମାନ୍କର୍ ଏକାଡଂଟ୍କେ ୨ ହଜାର୍ ଟଙ୍କା ଲେଖା ପଠାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ବାରାଣାସୀ କାର୍ଯ୍ୟକ୍ରମ୍କେ ନେଇକରି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ଠାନେ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ସିଡ଼ିପିଓ ଦକ୍ଷତା କର୍ମଶାଳା I&PR

ଓଡ଼ିଶାକେ ଅପପୁଷ୍ଟି ମୁକ୍ତ ରାଜ୍ୟ କର୍‌ବାର୍ ଦିଗେ ଶିଶୁ ବିକାଶ୍ ପ୍ରକଳ୍ପ ଅଧିକାରୀ- ସିଡ଼ିପିଓ ମାନ୍‌କର୍ ଦକ୍ଷତା ଆମର୍ ଶକ୍ତି ଆଏ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ସିଡ଼ିପିଓ ମାନ୍‌କର୍ ଦିନ୍‌କିଆ ଦକ୍ଷତା କର୍ମଶାଳାକେ ଉଦ୍‌ଘାଟନ୍ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୁଭଦ୍ରା ଯୋଜ୍‌ନାର୍ ସଫଲତା ଆଉ ରାଏଜେ ମହିଳାମାନ୍‌କର୍ ବିକାଶ୍ ଲାଗି ସେମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍ ରହିଛେ ବଲି କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଅଙ୍ଗନବାଡ଼ିର୍ ଭିତିଭୂମିର୍ ବିକାଶ୍ ଲାଗି ଇନ୍‌ଫ୍ରା ଆପ୍ ଓ୍ୱସମ୍ ର ଲୋକାର୍ପଣ୍ କରିଛନ୍ । ଇତାର୍‌ସହେତେ ଅଗଷ୍ଟ ୧ ନୁ ୧୫ ତାରିଖ୍‌ତକ୍ 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ୍‌ର ଭିଲ୍ ଶୁଭାରମ୍ଭ କରିଛନ୍ । ଇ ଅଭିଯାନ୍‌ଥି ଲୁକେ ଅଙ୍ଗନବାଡ଼ି କେନ୍ଦ୍ର ବୁଲିକରି ସେନର୍ ଭିତିଭୂମି, ସ୍ୱଚ୍ଛତା ଆଉ କାର୍ଯ୍ୟଶୈଳୀ ଉପ୍‌ରେ ମତାମତ୍ ରଖିବେ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମା ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ବଳଙ୍ଗା ପିଡ଼ିତା-ବୟାନ୍ ରେକର୍ଡ଼ ପୁରୀ ସମ୍ବାଦଦାତା

ଦିଲ୍ଲୀ ଏମ୍ସ ଠାନେ ବଳଙ୍ଗା ପିଡ଼ିତାଙ୍କର୍ ବୟାନ୍ ରେକର୍ଡ଼ କର୍ବାର୍ ଲାଗି ଜିଲ୍ଲା ପୁଲିସ୍ର ଗୁଟେ ଦଲ୍ ଦିଲ୍ଲୀ ଯାଇଛନ୍ ବଲି ପୁରୀ ଆରକ୍ଷୀ ଅଧିକ୍ଷକ୍ ପିନାକ ମିଶ୍ର କହିଛନ୍ । ସେ କହିଛନ୍, ମାମ୍ଲାର୍ ତଦନ୍ତ୍ ଅଧିକାରୀଙ୍କର୍ ସହେତେ ବଳଙ୍ଗା ଥାନା ଅଧିକାରୀ ଆଉ ଝନେ ମହିଳା ଡିଏସ୍ପି ଦିଲ୍ଲୀ ଯାଇଛନ୍ । ଦିଲ୍ଲୀର୍ ଅଦାଲତ୍ଙ୍କର୍ ନିର୍ଦ୍ଦେଶ୍ ପାଏବାର୍ ଉତ୍ରୁ ଝନେ ମାଜିଷ୍ଟ୍ରେଟ୍ଙ୍କର୍ ଉପସ୍ଥିତିଥି ପୁଲିସ୍ ଦଲ୍ ପିଡ଼ିତାଙ୍କର୍ ବୟାନ୍ ରେକର୍ଡ଼ କର୍ବେ । ତାର୍ ଉତ୍ରୁ ଘଟ୍ନା ପଛର୍ ପ୍ରକୃତ୍ କାରଣ୍ ଜନାପଡ଼୍ବା । ପିଡ଼ିତାଙ୍କର୍ ଚିକିତ୍ସା ଚାଲିଥିବାର୍ନୁ ପୁଲିସ୍ ତର୍ଫୁ ଅତି ସତର୍କତାର୍ ସହେତେ ତଦନ୍ତ୍ କରାଯାଉଛେ ବଲି ଆରକ୍ଷୀ ଅଧିକ୍ଷକ୍ ଶ୍ରୀ ମିଶ୍ର କହିଛନ୍ ।

ରତ୍ନଭଣ୍ଡାର୍ ଫଟୋ ଭାଇରାଲ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଭିତର ଚକଡ଼ା ଫଟୁ ସୋସିଆଲ୍ ମିଡ଼ିଆଥି ପ୍ରକାଶ୍ ପାଏବାର୍ ଘଟ୍ନାକେ ନେଇକରି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ୍ ସଂସ୍ଥା -ଏଏସ୍ଆଇକେ ଚିଠି ଲେଖାଯାଇଛେ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଚିଠିଥି ଦର୍ଶେଇଛନ୍, ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍

ମରାମତି କାମ୍‌ଥି ଏଏସ୍‌ଆଇ ପ୍ରଶଂସନୀୟ କାମ୍ କରିଛେ । ମାତର୍‌କ ଶ୍ରୀଜଗନ୍ନାଥ୍ ମନ୍ଦିରର୍ ପବିତ୍ରତା ବଜାୟ ରଖିବାର୍ ସବୁ ଭକ୍ତ, ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଲାଗି ଗୁରୁତ୍ୱପୂର୍ଣ୍ଣ ବିଷୟ ଆଏ । ଇତାକେ ନଜର୍‌ଥି ରଖିକରି ଆଉ ଭକ୍ତଙ୍କର୍ ଧର୍ମୀୟ ଭାବ୍‌ନାକେ ସମ୍ମାନ୍ ଜନେଇକରି ଘଟ୍‌ନାକେ ନେଇକରି ଆବଶ୍ୟକ୍ ପଦକ୍ଷେପ୍ ନେବାର୍‌କେ ମୁଖ୍ୟ ପ୍ରଶାସକ ଏଏସ୍‌ଆଇର ମହାନିର୍ଦ୍ଦେଶକଙ୍କୁ ଅନୁରୋଧ୍ କରିଛନ୍ ।

ସହକାରୀ ଶ୍ରମ ଅଧିକାରୀ I&PR

ରାଜ୍ୟ ଶ୍ରମ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ଶ୍ରମ ଆଇନ୍ ଉପ୍‌ରେ ସହକାରୀ ଶ୍ରମ ଅଧିକାରୀମାନ୍‌କର୍ ୩ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ୍ କରିଛନ୍ । ଇଥି ଶ୍ରମ ନିର୍ଦ୍ଦେଶାଳୟର୍ ୪୦ ଝନ୍ ସହକାରୀ ଶ୍ରମ ଅଧିକାରୀ ଭାଗ୍ ନେଇଛନ୍ ।

ନୋଡ଼ାଲ୍ ଅଧିକାରୀ ଗସ୍ତ ବୌଦ୍ଧ ସମ୍ବାଦଦାତା

ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ନିର୍ଦ୍ଦେଶକ ଆଉ ଜିଲ୍ଲା ନୋଡ଼ାଲ୍ ଅଧିକାରୀ ଡକ୍ଟର୍ ବିଜୟ କେତନ୍ ଉପାଧ୍ୟାୟ ଆଏଜ୍ ୨ ଦିନିଆ ବୌଦ୍ଧ ଜିଲ୍ଲା ଗସ୍ତଥି

ପୁହୁଁଚିଛନ୍ । ଶ୍ରୀ ଉପାଧ୍ୟାୟ ଆଏଜ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗାକେ ଯାଇକରି ଉନ୍ନୟନ୍ କାମ୍ ମାନ୍‌କୁ ଥିତି ସମୀକ୍ଷା କରିଛନ୍ । ହର୍‌ଭଙ୍ଗା ବ୍ଲକ ନକୁଆନାଳି ଗାଁନୁ ବୌଦ୍ଧ ବ୍ଲକ୍ ଯୋଗୀଭଗରା ଗାଁକେ ଜୁଡ୍‌ବାର୍ ଲାଗି ବନା ହଉଥିବା ବ୍ରିଜ୍ କାମ୍ ବୁଲି ଦେଖିଛନ୍ । ଇତାର୍‌ସହେତେ ମାଉଲ୍‌ସିଂହା ଅଙ୍ଗନବାଡ଼ି କେନ୍ଦ୍ର, ଆହାର୍ କେନ୍ଦ୍ର, ବୀରନରସିଂପୁର୍ ନର୍ସରୀ, ରାମକୃଷ୍ଣ ବାଳାଶ୍ରମ୍ ସହେତେ ଭିନ୍ ଭିନ୍ ଜାଗାକେ ଯାଇକରି ସର୍‌କାରୀ କାମ୍ ମାନ୍‌କର୍ ତଦାରଖ୍ କରିଛନ୍ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ବାଉଁଶୁଣି ପଂଚାୟତ୍ ଗଡ଼ଭିତର୍ ଗାଁ ନ ଦେଶ୍ ଲାଗି ମଧ୍ୟସ୍ଥତା ଅଭିଯାନ୍ ଉପ୍‌ରେ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସର୍‌ପଂଚ୍‌ଙ୍କର୍ ସହେତେ ଗାଁର୍ ଲୁକେ ଉପସ୍ଥିତ୍ ଥିଲେ । ମଧ୍ୟସ୍ଥତା ଜରିଏ ନିଜର୍ ଭିନ୍ ମାମ୍‌ଲାର୍ ଫଏସଲା କେନ୍ତା କରି କରିହେବା ସେ ବାବ୍‌ଦେ ଇ ଅବ୍‌ସରେ ଲୁକ୍‌କୁ ବୁଝାଯାଇଥିଲା ।

ପାଣିପାଗ  ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ବଳେ ରାଏଜେ ବର୍ଷା ପାଗ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ । କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଆର୍ ଭଦ୍ରକ୍ ନ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।